## MGNREGA ର ବିଭିନ୍ନ ଯୋଜନା ପ୍ରସ୍ତୁତିରେ ବୈଜ୍ଞାନିକ ତଥ୍ୟାବଳୀ ସମ୍ବଳିତ ମୋବାଇଲ ଆପ୍ଲିକେସନ ବ୍ୟବହାର ସମ୍ପର୍କରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ।

## Workshop on use of mobile application of technical informations for preparation of various schemes of MGNREGA.

ଅନୁଗୋଳ,ତା.୦୭.୦୨: ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ବୈଜ୍ଞାନିକ ତଥ୍ୟାବଳୀ ଉପରେ ମୋବାଇଲ ଆପ୍ଲିକେସନ ବ୍ୟବହାରକୁ ନେଇ ଏକ ଦିନିକିଆ କର୍ମଶାଳା ଗତକାଲି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ସଠିକ୍ ତଥ୍ୟାବଳୀକୁ ନେଇ ଏକ ବାସ୍ତବ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ଉପଲବ୍ଧ ଥିବା ଭିତ୍ତିଭୂମୀକୁ ବ୍ୟବହାର କରିବା ସହ ସଂପୂର୍ଣ୍ଣ ତଥ୍ୟାବଳୀ ଆଧାରରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଗୁଡିକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍.ଇ ଏସ୍) ର ଜିଲ୍ଲା ମୁଖ୍ୟ ସ୍ୱପ୍ନା ଷଡଙ୍ଗୀ ସାଧନ କର୍ମୀ ଭାବେ ଯୋଗ ଦେଇ ମୋବାଇଲ ଆପ୍ଲିକେସନର ପ୍ରସ୍ତୁତି ପ୍ରକ୍ରିୟା ଓ ଏଥିରେ ଦିଆଯାଇଥିବା ତଥ୍ୟାବଳୀ ତଥା ଏହାର ବ୍ୟବହାର ପ୍ରକ୍ରିୟା ଉପରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏଫ୍.ଇ ଏସ୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଆପ୍ଲିକେସନ ଦ୍ୱାରା ଯେକୌଣସି ଅଂଚଳର ଜଳଧାରଣର କ୍ଷମତାକୁ ଆକଳନ କରାଯାଇପାରିବା ସହ ଜମିର ଉପଚାର ପାଇଁ କେଉଁଭଳି କାର୍ଯ୍ୟକ୍ରମ MGNREGA ମାଧ୍ୟମରେ ନିଆଯାଇପାରିବ ତାହାର ନିର୍ଦ୍ଧାରଣ ହୋଇପାରିବ । କ୍ଲାଟ୍ କମ୍ପାଉଣ୍ଡ ଲ୍ୟାଣ୍ଡ ଆସେସ୍‌ମେଣ୍ଟ ଆଣ୍ଡ ରେଷ୍ଟୋରେସନ ଟୁଲ୍ ନାମରେ ନାମିତ ଏହି ମୋବାଇଲ ଆପ୍ଲିକେସନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମଗୁଡିକର ଖର୍ଚ୍ଚ ଅଟକଳ ମଧ୍ୟ କରାଯାଇପାରିବ । ଏହି ଆପ୍ ସମସ୍ତ ଆଣ୍ଡ୍ରଏଡ ଥିବା ମୋବାଇଲରେ ବ୍ୟବହାର କରାଯାଇପାରିବ । ଏହି ଆପ୍ ବ୍ୟବହାର ଦ୍ୱାରା MGNREGA ର ବିଭିନ୍ନ ଯୋଜନାରେ ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ନିଆଯାଉଥିବା କାର୍ଯ୍ୟକ୍ରମଗୁଡିକ ବିଶେଷ ଫଳପ୍ରଦ ହୋଇପାରୁଛି । କର୍ମଶାଳାରେ ଉପସ୍ଥିତ ବିଭାଗୀୟ କର୍ମକର୍ତ୍ତାମାନେ ଏହି ଆପ୍‌କୁ ନିଜ ନିଜ ମୋବାଇଲରେ ପରିକ୍ଷା କରିଥିଲେ । ରାଜ୍ୟ ପଂଚାୟତରାଜ ଓ ପାନୀୟଜଳ ଓ ଏଫ୍.ଇ.ଏସ୍ ମଧ୍ୟରେ ହୋଇଥିବା ବୁଝିନାମା ଆଧାରରେ ଏହି କର୍ମଶାଳା ଆୟୋଜନ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ଆଠଟି ଜିଲ୍ଲାରେ ଏହି ଆପ୍ଲିକେସନ ବ୍ୟବହାର କରି ଯୋଜନା ପ୍ରସ୍ତୁତ କରାଯିବ । MGNREGA ର ଯୋଜନାଗୁଡିକ ପ୍ରସ୍ତୁତ ସମୟରେ ଜଳ ଓ ଜମି ସମ୍ବନ୍ଧୀୟ ସମସ୍ତ ବୈଷୟିକ ତଥ୍ୟାବଳୀକୁ ବ୍ୟବହାର କରି ସ୍ଥାୟୀ ଓ ବ୍ୟବହାର ଉପଯୋଗୀ ପ୍ରାକୃତିକ ସମ୍ବଳ ନିର୍ମାଣ କରାଯାଇପାରିବ । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରୋଗାମ ଅଫିସର ଶ୍ରୀ ଶୈଳେଶ ଚନ୍ଦ୍ର ନାଏକ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ । ଏଫ୍.ଇ.ଏସର ଶ୍ରୀ ଦ୍ରୋଣ ଚନ୍ଦ୍ରାକର ଓ ଶ୍ରୀ ବିକାଶ ଦାସ ଶିବିର ପରିଚାଳନାରେ ଆବଶ୍ୟକ ସହଯୋଗ କରିଥିଲେ ।


DISTRICT LEVEL TRAINING ON
COMPOSITE LAND ASSESMENT TOOL (CLART)
FOR SUPPORTING MGNREGS PLANNING PROCESS
Date- 06.02.2019
District Rural Development Agency, Angul

